# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 October – 2025

*********************************

## ମୁଖ୍ୟ ସମ୍ବାଦ

- ବିଜେପି ପକ୍ଷରୁ ୪ଟି ରାଜ୍ୟର ୫ଟି ବିଧାନସଭା ଉପନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା

– ନୂଆପଡ଼ା ଆସନ ପାଇଁ ଦଳ ପକ୍ଷରୁ ଜୟ ଢୋଲକିଆ ପ୍ରାର୍ଥୀ

- କୃଷ୍ଣ ନବମୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ପାଇଁ ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

- ପୂର୍ବତନ ରାଷ୍ଟ୍ରପତି ଓ ମହାନ ବୈଜ୍ଞାନିକ ଭାରତ ରତ୍ନ ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କ ଜୟନ୍ତୀ ଆଜି ଦେଶବ୍ୟାପୀ ପାଳନ କରାଯାଉଛି

ଏବଂ

- ଉତ୍ତମ ସ୍ୱାସ୍ଥ୍ୟ ପାଇଁ ହାତସଫାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆଜି ପାଳନ କରାଯାଉଛି ବିଶ୍ୱ ହାତଧୁଆ ଦିବସ

Nuapada

## ବିଜେପି ପ୍ରାର୍ଥୀ ତାଲିକା ଘୋଷଣା

ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ୪ଟି ରାଜ୍ୟର ୫ଟି ବିଧାନସଭା ଉପନିର୍ବାଚନ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଓଡ଼ିଶାର ନୂଆପଡ଼ା ଉପନିର୍ବାଚନ ପାଇଁ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି।  ଗତ ୧୧ ତାରିଖ ଶନିବାର ଦିନ ଜୟ ଢୋଲକିଆ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଶ୍ରୀ ଢୋଲକିଆ ନାମାଙ୍କନପତ୍ର ଦାଖଲ କରିବେ ବୋଲି ରାଜ୍ୟସଭା ସାଂସଦ ସୁଜିତ କୁମାର କହିଛନ୍ତି।

ନୂଆପଡ଼ା ଉପନିର୍ବାଚନ ନେଇ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଏବଂ ପିସିସି ରାଜ୍ୟ ସଭାପତି ଭକ୍ତଚରଣ ଦାସ’ ଆଜି ରିଟର୍ଣ୍ଣିଂ ଅଧିକାରୀଙ୍କୁ ସାକ୍ଷାତ କରି ନାମାଙ୍କନପତ୍ର ଦାଖଲ ସମ୍ପର୍କିତ ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ନାମଲେଖା

ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଖାଲି ପଡ଼ିଥିବା ସିଟ୍ ଗୁଡ଼ିକୁ ପୂରଣ କରିବା ପାଇଁ ଆଜିଠାରୁ ସ୍ପଟ୍ ନାମଲେଖା ଲାଗି ଆବେଦନ ଆରମ୍ଭ ହୋଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଆବେଦନ

କରିପାରିବେ । ଆସନ୍ତା ୨୯ ତାରିଖରେ ମେଧା ତାଲିକା ପ୍ରକାଶ ପାଇବା ସହ ଛାତ୍ରଛାତ୍ରୀମାନେ ୩୦ ତାରିଖରେ ନାମ ଲେଖାଇ ପାରିବେ ।

Desk

## ଇଣ୍ଟରନାଲ୍ ପରୀକ୍ଷା

ରାଜ୍ୟରେ ଆସନ୍ତା ଡିସେମ୍ବର ମାସ ୨୨ ତାରିଖରୁ ଜାନୁଆରୀ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଯୁକ୍ତ ଦୁଇ ଇଣ୍ଟରନାଲ୍ ପରୀକ୍ଷା ଚାଲିବ । ସେହିଭଳି ଜାନୁୟାରୀ ମାସ ୧୦ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଇଣ୍ଟରନାଲ୍ ପରୀକ୍ଷା ଅନୁଷ୍ଠିତ ହେବ । ଜାନୁୟାରୀ ୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଯୁକ୍ତ ଦୁଇ ପ୍ରାକ୍ଟିକାଲ୍ ପରୀକ୍ଷା ହେବ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।

HS

## ଡକ୍ଟର ଅବଦୁଲ କଲାମ ଜୟନ୍ତୀ

ଭାରତର ପୂର୍ବତନ ରାଷ୍ଟ୍ରପତି, ମହାନ ବୈଜ୍ଞାନିକ ତଥା ଭାରତ ରତ୍ନ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ଆଜି ଦେଶବ୍ୟାପୀ ପାଳନ କରାଯାଉଛି। ଜଣେ ଦୂରଦୃଷ୍ଟି ଓ ରାଜନେତା ଭାବରେ ଜାତିର ଉନ୍ନତି ପାଇଁ ତାଙ୍କ ଉତ୍ସର୍ଗୀକୃତ ଜୀବନ ସମସ୍ତଙ୍କୁ ଏକ ଶିକ୍ଷିତ, ସଶକ୍ତ, ସକ୍ଷମ ଏବଂ ଗୌରବଶାଳୀ ଭାରତ ଗଠନ ପାଇଁ ପ୍ରେରଣା ଦେଇଆସୁଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ରାଷ୍ଟ୍ରପତି ଭବନରେ ପୂର୍ବତନ ରାଷ୍ଟ୍ରପତି ଡକ୍ଟର କଲାମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର କଲାମଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ସେ ସର୍ବଦା ଯୁବପିଢ଼ିଙ୍କୁ ପ୍ରଜ୍ୱଳିତ କରିବା ସହ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଉଥିଲେ । ତାଙ୍କ ସ୍ୱପ୍ନର ସଶକ୍ତ, ସ୍ୱାବଲମ୍ବୀ ଓ ସହାନୁଭୂତିଶୀଳ ଭାରତ ଗଠନ କରିବା ପାଇଁ ସମସ୍ତଙ୍କୁ ପ୍ରୟାସ କରିବା ପାଇଁ ଶ୍ରୀ ମୋଦୀ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି ।

ଡକ୍ଟର କଲାମଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ମିସାଇଲ ମ୍ୟାନ୍ ଭାବେ ପରିଚିତ ଡକ୍ଟର କଲାମଙ୍କ ସରଳ ଜୀବନଶୈଳୀ, ଉଦାର ଚିନ୍ତାଧାରା ଓ କଠିନ ପରିଶ୍ରମ ଆଗାମୀ ପିଢ଼ିଙ୍କୁ ଅନୁପ୍ରାଣିତ କରିବ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଡକ୍ଟର ଅବଦୁଲ କଲାମଙ୍କ ସ୍ମୃତିଚାରଣ କରି କହିଛନ୍ତି, ଜଣେ ବିଶିଷ୍ଟ ଶିକ୍ଷକ, ଅସାଧାରଣ ବୈଜ୍ଞାନିକ ଓ ଦୂରଦୃଷ୍ଟି ସମ୍ପନ୍ନ ରାଜନେତା ଭାବେ ତାଙ୍କର ଜୀବନ, ଆଦର୍ଶ ଓ କାର୍ଯ୍ୟସାଧନା ଯୁବ ମନୋମସ୍ତିଷ୍କକୁ ପ୍ରେରଣା ଦେଉଛି ।

ନୟାଗଡ଼ ମଣ୍ଡଳ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଥିବା ଡକ୍ଟର ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।

Desk

# ବନକଲାଗି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି କାର୍ତ୍ତିକ କୃଷ୍ଣ ନବମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

Baragarh

# ପୋଷଣ ମାସ

ବରଗଡ଼ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଅଷ୍ଟମ ପୋଷଣ ମାସ-୨୦୨୫ର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ପ୍ରମୁଖ ଯୋଗଦେଇ ଜିଲ୍ଲାସ୍ତରୀୟ ପୋଷଣ ମାସ ଉପରେ ଆଲୋଚନା କରିଥିଲେ।  ମା'ମାନେ ଶିଶୁମାନଙ୍କୁ କିପରି ପୋଷଣଯୁକ୍ତ ଖାଦ୍ୟ ସହ

ଶିକ୍ଷା ପ୍ରଦାନ କରିବେ, ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

Nayagarh

## ପାଠାଗାର ଉଦ୍‌ଘାଟନ

ନୟାଗଡ଼ ଜିଲ୍ଲା ଗଣିଆଠାରେ ଥିବା ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଏକ ପାଠାଗାରର ଉଦ୍‌ଘାଟନ କରିଛନ୍ତି । ନୂତନ ଆଶା ଓ ଉଦ୍ଦୀପନା ନେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଆତ୍ମବିଶ୍ୱାସ ଓ ଦୃଢ଼ ମନୋବଳ ନେଇ ଶିକ୍ଷା ସହ ଆଗକୁ ବଢ଼ିଲେ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ ନେଉଛନ୍ତି । ଏହି ବିଦ୍ୟାଳୟ ପରିସରରେ ଖୁବ୍‌ଶୀଘ୍ର ଯୁକ୍ତ ଦୁଇ ବିଜ୍ଞାନ ଖୋଲିବା ପାଇଁ ମନ୍ତ୍ରୀ କହିଛନ୍ତି ।

PIB

## ପିଆଇବି- କର୍ମଶାଳା

ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପୁରୀ ଜିଲ୍ଲାର କୋଣାର୍କଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା

କାର୍ଯ୍ୟାଳୟ– ପିଆଇବି ଭୁବନେଶ୍ୱର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ଯୋଜନା କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି ସହ ସେଗୁଡ଼ିକରେ ପ୍ରଭାବୀ କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଛି ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଏବଂ ଝାଡ଼ଖଣ୍ଡ ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗଣମାଧ୍ୟମକୁ ବିକାଶ ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ରୂପେ ଅଭିହିତ କରିଛନ୍ତି । ଲୋକ ସମ୍ପର୍କ ସ୍ଥାପନ ଓ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ଉତ୍ତମ ଯୋଗାଯୋଗକାରୀ ଆବଶ୍ୟକ ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

BHK

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାର କେଶପୁର ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ସଚିବ ପୁଣ୍ୟ ଶ୍ଳୋକ ରଥ ଯୋଗଦେଇ ମାନବ ଚାଲାଣ, ଯୌନ ଶୋଷଣ, ନିଶାମୁକ୍ତ ନିମନ୍ତେ ସଚେତନତାମୂଳକ ଶୈକ୍ଷଣୀୟ ତଥ୍ୟ, ମଧ୍ୟସ୍ଥତା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା ।

Kandhamal

## ଦକ୍ଷତା ବିକାଶ ନିଯୁକ୍ତି ପ୍ରଶିକ୍ଷଣ

କନ୍ଧମାଳ ଜିଲ୍ଲା ଫୁଲବାଣୀ ଦକ୍ଷତା ବିକାଶ ତଥା ନିଯୁକ୍ତି କାର୍ଯ୍ୟାଳୟଠାରେ ଦକ୍ଷତା ବିକାଶ ନିଯୁକ୍ତି ଅଧିକାରୀ ପୁରୁଷୋତ୍ତମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ଜିଲ୍ଲାର ବେକାର ଯୁବକଯୁବତୀମାନଙ୍କ ପାଇଁ ନିଯୁକ୍ତି ସମ୍ପର୍କିତ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ କମ୍ପାନୀ ଏବଂ ଟ୍ରଷ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ ।

Desk

## ଅଭିନେତାଙ୍କ ଦେହାନ୍ତ

ଲୋକପ୍ରିୟ ଅଭିନେତା ତଥା ମହାଭାରତର ପ୍ରସିଦ୍ଧ କର୍ଣ୍ଣ ଭୂମିକାରେ ଅଭିନୟ କରିଥିବା ପଙ୍କଜ ଧୀରଙ୍କ ଆଜି ୬୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଶାରୀରିକ ଅସୁସ୍ଥତା ପାଇଁ ଦୀର୍ଘଦିନ ହେବ ସ୍ୱର୍ଗତଃ ଧୀର ମେଡିକାଲରେ ଭର୍ତ୍ତି ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଖବର ଆସିବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

Desk

## ବିଶ୍ୱ ହାତଧୁଆ ଦିବସ

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ହାତଧୁଆର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆଜି ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଉଛି । ଲୋକଙ୍କ ମଧ୍ୟରେ ହାତ ଧୋଇବା ଅଭ୍ୟାସରେ ଉନ୍ନତି ଆଣିବା ପାଇଁ ଏହି

ଦିବସ ଉତ୍ସାହିତ କରିଥାଏ । ୨୦୦୮ ମସିହାରେ ବିଶ୍ୱ ହାତଧୁଆ ପାର୍ଟନରସିପ୍ ପକ୍ଷରୁ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିର ଦିନରେ ନିୟମିତ ହାତଧୋଇବା ଅଭ୍ୟାସକୁ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ କରିବାକୁ ଆହ୍ୱାନ ଦେଇଛନ୍ତି। କୋଭିଡ୍ ସଂକଟ, ଡାଇରିଆ ଏବଂ ନିମୋନିଆ ଭଳି ରୋଗରୁ ସୁରକ୍ଷିତ ରହିବା ପାଇଁ ହାତଧୋଇବା ସବୁଠାରୁ ସହଜ ପ୍ରଭାବଶାଳୀ ମାଧ୍ୟମ। ଖାଦ୍ୟ ଖାଇବା ପୂର୍ବରୁ ଓ ପରେ ଅତିକମ୍‌ରେ ୨୦ ସେକେଣ୍ଡ ପାଇଁ ହାତ ଧୁଅନ୍ତୁ। ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରି ଏକ ସୁସ୍ଥ, ନିରୋଗ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

HS

## ଟେବୁଲ ଟେନିସ୍ ଚାମ୍ପିଅନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୨୮ତମ ଏସିଆନ୍ ଟେବୁଲ ଟେନିସ୍ ଚାମ୍ପିଅନସିପ୍‌ର ଆଜି ଫାଇନାଲ ମ୍ୟାଚ୍ ଖେଳାଯିବ। ପୁରୁଷ ବର୍ଗରେ ଚୀନ୍ ଏବଂ ହଂକଂ ଓ ମହିଳା ବର୍ଗରେ ଜାପାନ୍ ଏବଂ ଚୀନ ମଧ୍ୟରେ ମୁକାବିଲା ହେବ। ପୂର୍ବରୁ ଭାରତୀୟ ଟିମ୍ କ୍ୱାର୍ଟର ଫାଇନାଲରୁ ପରାଜିତ ହୋଇ ପୁରୁଷ ଦଳ ଷଷ୍ଠ ଓ ମହିଳା ଦଳ ଅଷ୍ଟମ ସ୍ଥାନରେ ଅଭିଯାନ ସମାପ୍ତ କରିଛନ୍ତି।

Desk

# ରଣ୍‌ଜୀ

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆଜିଠାରୁ ରଣ୍‌ଜୀ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତା ୨୦୨୫-୨୬ ଆରମ୍ଭ ହେଉଛି । ଆଜି ପ୍ରଥମ ଦିନରେ ଓଡ଼ିଶା ଓ ବରୋଦା ମଧ୍ୟରେ ମ୍ୟାଚ୍ ଖେଳାଯିବ । ଶୁଭ୍ରାଂଶୁ ସେନାପତି ଓଡିଶା ଦଳର ନେତୃତ୍ୱ ନେଉଛନ୍ତି ।

HS

# ପାଣିପାଗ

ରାଜ୍ୟରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ସମାନ ସମୟ ମଧ୍ୟରେ ଦକ୍ଷିଣ–ପୂର୍ବାଞ୍ଚଳରେ ଉତ୍ତର-ପୂର୍ବ ମୌସୁମୀ ବାୟୁ ପ୍ରଭାବରେ ବର୍ଷା ହେବାର ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ଲାଗି ରହିବ । ରାଗୟଡ଼ା, ମାଲକାନଗିରି ଆଦି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି ଜିଲ୍ଲାର ପଡ଼ିଆରେ ସର୍ବାଧିକ ୪୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।